# High Level Meeting of the L.69 Group on "Reinvigorating Multilateralism and Achieving Comprehensive Reform of the UN Security Council”

September 23, 2022

## "ବହୁପକ୍ଷୀୟତାକୁ ସୁଦୃଢ କରିବା ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ବ୍ୟାପକ ସଂସ୍କାର ଲକ୍ଷ୍ୟ ହାସଲ କରିବା" ଉପରେ ଏଲ.69 ଗୋଷ୍ଠୀର ଉଚ୍ଚସ୍ତରୀୟ ବୈଠକ

**ସେପ୍ଟେମ୍ବର 23, 2022**

ଆଜି ନ୍ୟୁୟର୍କରେ 77 ତମ ମିଳିତ ଜାତିସଂଘ ସାଧାରଣ ପରିଷଦ ଅବସରରେ "ବହୁପକ୍ଷୀୟତାକୁ ସୁଦୃଢ କରିବା ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ବ୍ୟାପକ ସଂସ୍କାର ଲକ୍ଷ୍ୟ ହାସଲ କରିବା" ଉପରେ ଏଲ.69 ଗୋଷ୍ଠୀର ସଦସ୍ୟ ତଥା ଅନ୍ୟାନ୍ୟ ଆମନ୍ତ୍ରିତ ସମାନ ଚିନ୍ତାଧାରା ଥିବା ଦେଶମାନଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସେଣ୍ଟ ଭିନସେଣ୍ଟ ଏବଂ ଗ୍ରେନାଡାଇନ୍ସର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ରାଲ୍ଫ ଗୋନ୍ସାଲଭେସ ଅଧ୍ୟକ୍ଷତା କରିଥିଲେ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏଥିରେ ସହଯୋଗ କରିଥିଲେ।

2. ଏହି ବୈଠକରେ ଆଫ୍ରିକା, ଲାଟିନ୍ ଆମେରିକା ଓ କାରିବିଆନ, ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ବିକାଶଶୀଳ ଦେଶମାନଙ୍କ ସମେତ ସଂସ୍କାର ସମର୍ଥକ ସଦସ୍ୟ ରାଷ୍ଟ୍ରମାନଙ୍କ ଏଲ.69 ଗୋଷ୍ଠୀ ଗଠନ ହେବାର 15 ତମ ବାର୍ଷିକୀ ପାଳିତ ହୋଇଥିଲା। ସୁରକ୍ଷା ପରିଷଦର ବିସ୍ତୃତ ସଂସ୍କାର ଏବଂ ବହୁପକ୍ଷୀୟତାକୁ ସୁଦୃଢ କରିବା ଲକ୍ଷ୍ୟ ହାସଲକୁ ନେଇ ସମସ୍ତେ ଏକାଠି ହୋଇଥିଲେ। ବର୍ତ୍ତମାନ ସେଣ୍ଟ ଭିନ୍ସେଣ୍ଟ ଏବଂ ଗ୍ରେନାଡାଇନ୍ସ ଏଲ.69 ଗୋଷ୍ଠୀର ଅଧ୍ୟକ୍ଷତା କରୁଛନ୍ତି।

3. ଆଜିର ଉଚ୍ଚସ୍ତରୀୟ ବୈଠକରେ ଉଭୟ ଏଲ.69 ଗୋଷ୍ଠୀର ସଦସ୍ୟ ତଥା ଅନ୍ୟାନ୍ୟ ସଂସ୍କାର ସମର୍ଥକ ସଦସ୍ୟ ରାଷ୍ଟ୍ରମାନେ ଏକତ୍ରିତ ହୋଇ ଅଧିକ ଅନ୍ତର୍ଭୁକ୍ତ, ପ୍ରତିକ୍ରିୟାଶୀଳ ତଥା ସହଭାଗୀ ଆନ୍ତର୍ଜାତିକ ଶାସନ ଢାଞ୍ଚା ପାଇଁ ଆହ୍ୱାନ ଦେଇଥିଲେ। ସମସାମୟିକ ବୈଶ୍ୱିକ ବାସ୍ତବତାକୁ ପ୍ରତିଫଳିତ କରିବାକୁ ସୁରକ୍ଷା ପରିଷଦର ଜରୁରୀ ଓ ବ୍ୟାପକ ସଂସ୍କାର ପାଇଁ ସେମାନେ ଆହ୍ୱାନ ଦେଇଥିଲେ।

4. ବୈଠକ ଶେଷ ହେବା ପରେ ଅଂଶଗ୍ରହଣକାରୀମାନେ ଏକ "କଲ୍ ଟୁ ଆକ୍ସନ୍" ମିଳିତ ବିବୃତ୍ତିରେ ଯୋଗ ଦେଇଥିଲେ, ଯେଉଁଥିରେ ସାଧାରଣ ପରିଷଦର 77 ତମ ଅଧିବେଶନରେ "ନୂତନ ଜୀବନ ଭରିବା" ପାଇଁ ଏବଂ ସୁରକ୍ଷା ପରିଷଦରେ ବ୍ୟାପକ ସଂସ୍କାର ହାସଲ କରିବାକୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କୁ ହାତ ମିଳାଇବାକୁ ଆହ୍ୱାନ ଦିଆଯାଇଛି।

**ନ୍ୟୁୟର୍କ**

**ସେପ୍ଟେମ୍ବର 23, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.